# NATIONAL NEWS BULLETIN (ODIA)

## 8 April - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- କଂଗ୍ରେସ ପାର୍ଟିର ନିର୍ବାଚନ ଇସ୍ତାହାର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତବ୍ୟ ବିରୁଦ୍ଧରେ ପାର୍ଟି ଆଜି ନିର୍ବାଚନ କମିଶନରେ ଅଭିଯୋଗ କରିଛି ।
- ଚୈତ୍ର ଶୁକ୍ଳାଦି, ଉଗାଡ଼ି, ଗୁଡ଼ି ପଡ଼ୱା, ଚେଟି ଚାନ୍ଦ, ନବ୍‌ରେ ଓ ସଜୀବୁ ଚେଇରୋବା ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।
- ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍’ ସନ୍ ପରିବାର ପୁଞ୍ଜି ସ୍କିମ୍ ମାମଲାରେ ମେତୁକୁ ରବୀନ୍ଦର ଓ ତାଙ୍କ ପରିବାର ର ସଦସ୍ୟମାନଙ୍କର ୨୫ କୋଟି ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅଚଳ କରିଛି ।
- ରୁଷ୍ ବୈଦେଶିକ ମନ୍ତ୍ରୀ ସର୍ଗେ ଲାବ୍‌ରବ୍’ ଚୀନ୍‌କୁ ଦୁଇଦିନ ସରକାରୀ ଗସ୍ତରେ ଯାଇଛନ୍ତି ।

ଏବଂ

- ମୋଜାମ୍ବିକ୍‌ର ଉତ୍ତର ଉପକୂଳରେ ଆଜି ଏକ ଡଙ୍ଗା ବୁଡ଼ିଯିବାରୁ ଅତିକମ୍‌ରେ ୯୪ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୬ ଜଣ ନିଖୋଜ ଅଛନ୍ତି।

## କଂଗ୍ରେସ-ଇସି

କଂଗ୍ରେସ ପାର୍ଟିର ନିର୍ବାଚନ ଇସ୍ତାହାର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତବ୍ୟ ବିରୁଦ୍ଧରେ ପାର୍ଟି ଆଜି ନିର୍ବାଚନ କମିଶନରେ ଅଭିଯୋଗ କରିଛି। ପାର୍ଟି ନେତା ସଲମାନ ଖୁର୍ସିଦଙ୍କ ନେତୃତ୍ୱରେ ଦଳୀୟ ନେତାମାନଙ୍କର ଏକ ପ୍ରତିନିଧି ମଣ୍ଡଳ ନିର୍ବାଚନ କମିଶନକୁ ଯାଇ ଏ ବିଷୟରେ ଜଣାଇଛନ୍ତି। ପରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତାବେଳେ ଶ୍ରୀ ଖୁର୍ସିଦ କହିଛନ୍ତି କଂଗ୍ରେସ ନିର୍ବାଚନ ଇସ୍ତାହାର ମୁସଲିମ୍ ଲିଗ୍‌ର ଏକ ନକଲ ବୋଲି ଶ୍ରୀ ମୋଦୀଙ୍କ ମନ୍ତବ୍ୟକୁ ପାର୍ଟି ବିରୋଧ କରୁଛି। ସେ କହିଛନ୍ତି, ନିର୍ବାଚନ କମିଶନ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିଛି ଓ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛି।

ପାର୍ଟି ମୁଖପାତ୍ର ପବନ ଖେଡ଼ା କହିଛନ୍ତି, ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କର ଲଗାଯାଇଥିବା ହୋର୍ଡିଂ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ର ଶେଖରଙ୍କର ତଥାକଥିତ ମିଥ୍ୟା ଆଫିଡାବିଟ୍ ଓ ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା କିଛି ୟୁଟ୍ୟୁବ ଚ୍ୟାନେଲକୁ ନିଷେଧ କରିବା ବିଷୟ ପାର୍ଟି

ଉତ୍ଥାପନ କରିଛି। ସେ କହିଛନ୍ତି, ଯେହେତୁ ନିର୍ବାଚନ ହେବାକୁ ଅଛି, ନିର୍ବାଚନ କମିଶନ ଏସବୁ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣ କରିବା ଉଚିତ୍।

## ଟିଏମ୍‌ସି-ଇସିଆଇ

ସରକାରଙ୍କ ଦ୍ୱାରା ଜାତୀୟ ତଦନ୍ତକାରୀ ସଂସ୍ଥା ସମେତ କେନ୍ଦ୍ରୀୟ ଏଜେନ୍ସି ଗୁଡ଼ିକର ଅପବ୍ୟବହାର କରାଯାଉଥିବାର ଅଭିଯୋଗ କରି ତୃଣମୂଳ କଂଗ୍ରେସ ଆଜି ନିର୍ବାଚନ କମିଶନ ର ଦ୍ୱାରସ୍ଥ ହୋଇଛି। ପାର୍ଟିର ଏକ ପ୍ରତିନିଧି ଦଳ ନୂଆଦିଲ୍ଲୀରେ ନିର୍ବାଚନ କମିଶନକୁ ଯାଇ ଏ ବିଷୟରେ ଅଭିଯୋଗ କରିଛନ୍ତି। ଏହା ପରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ ପାର୍ଟି ସାଂସଦ ସାଗରିକା ଘୋଷ କହିଛନ୍ତି, ଲୋକସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ କର୍ମୀମାନଙ୍କୁ ଭୟଭୀତ କରାଇବା ଲାଗି **NIA** ର ଅପବ୍ୟବହାର କରାଯାଉଛି। ନିର୍ବାଚନ କମିଶନ ଏଥିରେ ହସ୍ତକ୍ଷେପ କରି ନିର୍ବାଚନର ପବିତ୍ରତାକୁ ରକ୍ଷା କରିବା ପାଇଁ ସେ ନିବେଦନ କରିଛନ୍ତି। ପରେ **TMC** ନେତା ଡେରେକ୍ ଓ' ବ୍ରିଏନ୍, ଡୋଲା ସେନ୍, ସାକେତ ଗୋଖ୍‌ଲେ ଓ ଅନ୍ୟମାନେ **ED**, **CBI** ଓ **NIA** ର ଅପବ୍ୟବହାର ବିରୁଦ୍ଧରେ ନିର୍ବାଚନ କମିଶନ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ପ୍ରେସ୍ ଫେଷ୍ଟିଭାଲ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚୈତ୍ର ଶୁକ୍ଲାଦି, ଉଗାଡ଼ି, ଗୁଡ଼ି ପଡ଼ୱା, ଚେଟି ଚାନ୍ଦ, ନବ୍‌ରେ ଓ ସଜୀବୁ ଚେଇରୋବା ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତାରେ ସେ କହିଛନ୍ତି, ଏହି ପର୍ବ ଗୁଡ଼ିକ ଭାରତୀୟ ନବବର୍ଷରେ ବସନ୍ତ ଋତୁର ଆଗମନକୁ ସୂଚାଇଥାଏ। ରାଷ୍ଟ୍ରପତି କହିଛନ୍ତି, ଏହି ପର୍ବଗୁଡ଼ିକ ଦେଶର ବିଭିନ୍ନ ଭାଗରେ ପାଳିତ ହୋଇଥାଏ ଓ ଶାନ୍ତି, ସଦ୍‌ଭାବନା ଏବଂ ସହିଷ୍ଣୁତାର ବାର୍ତ୍ତା ବହନ କରିଥାଏ। ସେ କହିଛନ୍ତି, ଏହି ସବୁ ପର୍ବ ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତୀକ ବହନ କରେ ଓ ଲୋକମାନେ ଏଗୁଡ଼ିକୁ ପାଳନ କରି ପ୍ରକୃତି ପ୍ରତି କୃତଜ୍ଞତା ଜଣାଇଥାନ୍ତି।

# ଭି.ପି.-ଫେଷ୍ଟିଭାଲ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଚୈତ୍ର ଶୁକ୍ଲାଦି, ଉଗାଡ଼ି, ଗୁଡ଼ି ପଡ଼ୱା, ଚେଟି ଚାନ୍ଦ, ନବ୍‌ରେ ଓ ସଜୀବୁ ଚେଇରୋବାର ଅବ୍ୟବହିତ ପୂର୍ବରୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ଧନଖଡ଼ କହିଛନ୍ତି, ଏହି ପର୍ବଗୁଡ଼ିକୁ ବିଭିନ୍ନ ନାମରେ ପାଳିତ ହୋଇଥିଲେ ମଧ୍ୟ ଏଗୁଡ଼ିକୁ ସମାନ ଆନନ୍ଦ ଉତ୍ସାହ ସହକାରେ ପାଳନ କରାଯାଇଥାଏ। ଏହି ପର୍ବଗୁଡ଼ିକ ପାରମ୍ପରିକ ନବବର୍ଷ ଆରମ୍ଭର ସୂଚନା ଦିଏ। ସେ କହିଛନ୍ତି, ଏହି ସବୁ ପର୍ବ

ଆଶା, ସମୃଦ୍ଧି ଓ ନୂତନତ୍ୱର ପ୍ରତୀକ ବହନ କରେ। ଏହି ଅବସରରେ ଜନସାଧାରଣ ବିବିଧତାରେ ଏକତାର ଭାବନାକୁ ପ୍ରସାର କରିବା ପାଇଁ ଶ୍ରୀ ଧନଖଡ଼ ଆହ୍ୱାନ ଦେଇଛନ୍ତି। ନବବର୍ଷ ଲୋକମାନଙ୍କ ମଧ୍ୟରେ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ ଆଣିଦେବ ବୋଲି ସେ କାମନା କରିଛନ୍ତି।

## ପିଏମ୍-ଛତିଶଗଡ଼

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମୋଦୀ ଗ୍ୟାରେଣ୍ଟି ହେଉଛି ଦେଶର ପ୍ରତ୍ୟେକ ଆଦିବାସୀ ପରିବାର ର ଜୀବନଶୈଳୀରେ ଉନ୍ନତି ଆଣିବା। ଛତିଶଗଡ଼ର ବସ୍ତର ଡିଭିଜନର ଅମାବାଲ୍ ଗ୍ରାମରେ ଏକ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଲୋକମାନଙ୍କର ସ୍ୱପ୍ନ ହେଉଛି' ମୋଦୀ ଗ୍ୟାରେଣ୍ଟି। ସେ କହିଛନ୍ତି, ଦେଶର ପ୍ରତ୍ୟେକ ପରିବାରକୁ ସମୃଦ୍ଧ କରିବା ଓ ଦେଶର ବିକାଶ କରିବା ତାଙ୍କର ଲକ୍ଷ୍ୟ। ସେ କହିଛନ୍ତି, ଗତ ୧୦ ବର୍ଷରେ ବିଜେପି ସରକାର ଗରିବମାନଙ୍କ ପାଇଁ ଯୋଜନାମାନ ଆଣିଛନ୍ତି। ଗରିବ ଲୋକମାନଙ୍କୁ ସେମାନଙ୍କର ଅଧିକାର ମିଳିଛି ଓ ବସ୍ତର ଡିଭିଜନ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଗତ ୧୦ ବର୍ଷରେ ୨୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ସେ କହିଛନ୍ତି, ମାଗଣା ରାସନ ଓ ଆୟୁଷ୍ମାନ ଯୋଜନା ଗୁଡ଼ିକ ଲୋକମାନଙ୍କର ଖର୍ଚ୍ଚ କମ୍ କରିଛି ଓ ସଞ୍ଚୟ ବୃଦ୍ଧି କରିଛି। କଂଗ୍ରେସ ଶାସନରେ ଦେଶରେ ଦୁର୍ନୀତି ଥିଲା ବୋଲି

ଦର୍ଶାଇ ସେ କହିଛନ୍ତି, କଂଗ୍ରେସ କେବେ ଗରିବ ମାନଙ୍କ ବିଷୟରେ ଚିନ୍ତା କରିନି।

## ଏମ୍‌ପି-ରାହୁଲ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟପ୍ରଦେଶର ସେଓ୍ୱନି ଜିଲ୍ଲାର ଧନୋରା ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇଛନ୍ତି। ସେ କହିଛନ୍ତି, ଆଦିବାସୀମାନେ  ଦେଶ ଓ ଜମିର ସର୍ବପ୍ରଥମ ମାଲିକ ଓ ସେ ଦୃଷ୍ଟିରୁ କଂଗ୍ରେସ ପାର୍ଟି ସେମାନଙ୍କୁ ଆଦିବାସୀ ବୋଲି କହୁଛି।  ଅନ୍ୟ ପକ୍ଷରେ ବିଜେପି ଓ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଅମିତ ଶାହା ସେମାନଙ୍କୁ ବନବାସୀ ବୋଲି କହୁଛନ୍ତି। ଏହି ଦୁଇ ଶବ୍ଦ ପଛରେ ଦୁଇଟି ପୃଥକ ନୀତି ରହିଛି। ଆଦିବାସୀ ଶବ୍ଦର ଅର୍ଥ ହେଉଛି, ଦେଶ ଓ ଜମିର ପ୍ରଥମ ମାଲିକ। ସେ ଦୃଷ୍ଟିରୁ ଆଦିବାସୀ ମାନେ ଯଦି ଜମିର ପ୍ରଥମ ମାଲିକ, ତେବେ ସେମାନଙ୍କର ଜମି, ଜଳ, ଜଙ୍ଗଲ ଓ ସମ୍ବଳ ଉପରେ ପ୍ରଥମ ଅଧିକାର ରହିଛି। କିନ୍ତୁ ବନବାସୀ ଶବ୍ଦର ଅର୍ଥ ହେଉଛି ଯେଉଁମାନେ ବଣରେ ବାସ କରନ୍ତି। ବନବାସୀ ଶବ୍ଦ ଉପରେ ମଧ୍ୟ ଏକ ନୀତି ରହିଛି। ଏହି ଶବ୍ଦ ସେମାନଙ୍କର ଇତିହାସ, ଭାଷା ଓ ଜୀବନଶୈଳୀକୁ ଲୋପ କରିବାକୁ ଏକ ଉଦ୍ୟମ। ସେମାନଙ୍କୁ ବନବାସୀ କୁହାଯିବା ସମୟରେ ତାହା ଜଙ୍ଗଲରେ ରହୁଥିବା ଲୋକମାନଙ୍କୁ ବୁଝାଉଛି ଓ ସେମାନଙ୍କୁ ଜଙ୍ଗଲ ଓ ଜମି ଉପରେ

କୌଣସି ଅଧିକାର ଦିଆଯାଉନାହିଁ। ଶ୍ରୀ ଗାନ୍ଧୀ ସାହାଡୋଲ ଠାରେ ଏକ ନିର୍ବାଚନ ର୍‌ୟାଲିରେ ଉଦ୍‌ବୋଧନ ଦେଇଛନ୍ତି।

## ରାଜନାଥ ସିଂ-ରୋଡ୍ ସୋ’

କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଦେଶର ବିକାଶ **NDA** ସରକାରଙ୍କର ପ୍ରଧାନ ଲକ୍ଷ୍ୟ। ନମାକଲ ଠାରେ ଏକ ରୋଡ୍ ସୋ’ରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶର ଅର୍ଥନୀତି, କୃଷିକ୍ଷେତ୍ର ଓ ମୌଳିକଢାଞ୍ଚା କ୍ଷେତ୍ର ବିକାଶ ଲାଭ କରିଛି। ସେ କହିଛନ୍ତି, ଭାରତ ଖୁବ୍‌ଶୀଘ୍ର ଏକ ଅର୍ଥନୈତିକ ମହାଶକ୍ତିରେ ପରିଣତ ହେବ ଓ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହୋଇପାରିବ। **NDA** ୪୦୦ ଆସନରେ ବିଜୟୀ ହେବ ବୋଲି ସେ କହିଛନ୍ତି।

## କଂଗ୍ରେସ-ଏନ୍.ସି.

କଂଗ୍ରେସ ଓ ନ୍ୟାସନାଲ କନଫରେନ୍ସ ଆଗାମୀ ଲୋକସଭା ନିର୍ବାଚନ ପାଇଁ ଜାମ୍ମୁ, କାଶ୍ମୀର ଓ ଲଦାଖରେ ଆସନ ବୁଝାମଣା ରାଜିନାମା ବିଷୟରେ ଘୋଷଣା କରିଛନ୍ତି। ଉଭୟ ଦଳ ତିନୋଟି ଲେଖାଏଁ ଲୋକସଭା ଆସନରେ ପ୍ରତିଦ୍ୱନ୍ଦିତା କରିବେ। କଂଗ୍ରେସ ପ୍ରାର୍ଥୀମାନେ ଉଦ୍ଧମପୁର, ଜାମ୍ମୁ ଓ ଲଦାଖ ଲୋକସଭା ଆସନରେ ପ୍ରତିଦ୍ୱନ୍ଦିତା କରିବେ ଓ ନ୍ୟାସନାଲ କନଫରେନ୍ସଂ ପ୍ରାର୍ଥୀମାନେ ଅନନ୍ତନାଗ, ବାରମୂଲା ଓ ଶ୍ରୀନଗର

ଲୋକସଭା ଆସନରେ ପ୍ରତିଦ୍ୱନ୍ଦିତା କରିବେ। ନ୍ୟାସନାଲ କନଫରେନ୍ସ ନେତା ଓମାର ଅବଦୁଲ୍ଲା ଓ କଂଗ୍ରେସ ନେତା ସଲମନ ଖୁର୍ସିଦ ନୂଆଦିଲ୍ଲୀରେ ଏହା ଘୋଷଣା କରିଛନ୍ତି।

## ଇଡି-ସନ ପରିବାର ପୁଞ୍ଜି ସ୍କିମ୍

ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ସନ୍ ପରିବାର ପୁଞ୍ଜି ସ୍କିମ୍ ମାମଲାରେ ମେଡୁକୁ ରବୀନ୍ଦର ଓ ତାଙ୍କ ପରିବାର ର ସଦସ୍ୟମାନଙ୍କର ବ୍ୟାଙ୍କଜମା ଓ ଅଂଶଧନ ସମେତ ୨୫ କୋଟି ଟଙ୍କା ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅଚଳ କରିଛି। ଅଭିଯୁକ୍ତ ମେଡୁକୁ ରବୀନ୍ଦର ଓ ତାଙ୍କର ଘନିଷ୍ଠ ସହଯୋଗୀ ମାନେ ସର୍ବସାଧାରଣ ଓ ପୁଞ୍ଜିନିବେଶକାରୀ ମାନଙ୍କୁ ଠକି ଥିବା ଅଭିଯୋଗରେ ତେଲଙ୍ଗାନା ପୁଲିସ ଦ୍ୱାରା ପଞ୍ଜୀକୃତ ହୋଇଥିବା ଏଫ୍.ଆଇ.ଆର୍. ଗୁଡ଼ିକୁ ଭିତ୍ତି କରି **ED** ତଦନ୍ତ ଆରମ୍ଭ କରିଥିଲା। ମେଡୁକୁ ରବୀନ୍ଦର ଓ ତାଙ୍କର ସହଯୋଗୀ ମାନେ ୧୦ ହଜାର ଲୋକଙ୍କୁ ଠକି ୧୫୮ କୋଟି ଟଙ୍କା ସଂଗ୍ରହ କରିଥିବାର **ED** କହିଛି।

## ରଷିଆ-ଚାଇନା

ରୁଷ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭ୍‌ରଭ୍ ଏକ ସରକାରୀ ଗସ୍ତରେ ଯାଇ ଚୀନ୍‌ରେ ପହଁଞ୍ଚିଛନ୍ତି। ଚୀନ୍‌କୁ ତାଙ୍କର ଦୁଇଦିନ ଗସ୍ତ ସମୟରେ ସେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟି'ଙ୍କ ସହ କଥାବାର୍ତ୍ତା କରିବେ।

କଥାବାର୍ତ୍ତାରେ ଦ୍ୱିପକ୍ଷୀୟ ସହଯୋଗ, ୟୁକ୍ରେନ ପରିସ୍ଥିତି ଓ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବିଷୟ ସ୍ଥାନ ପାଇବ। ଦୁଇ ଦେଶ ପରସ୍ପର ମଧ୍ୟରେ କୂଟନୈତିକ ସମ୍ପର୍କକୁ ମଜଭୁତ କରିବା ପାଇଁ ପ୍ରୟାସ କରୁଥିବା ଭଳି ଏକ ସମୟରେ ଶ୍ରୀ ଲାବ୍‌ରବ୍ ଚୀନ୍‌କୁ ଗସ୍ତରେ ଯାଇଛନ୍ତି। ସେହି ଦୁଇ ରାଷ୍ଟ୍ରର ପାଶ୍ଚାତ୍ୟ ଦେଶ ଓ ନାଟୋ ସହ ବିବାଦ ବୃଦ୍ଧି ପାଉଛି ଓ ସେମାନେ ଆଫ୍ରିକା, ମଧ୍ୟପ୍ରାଚ୍ୟ ଓ ଦକ୍ଷିଣ ଆଫ୍ରିକା ଉପରେ ଅଧିକ ପ୍ରଭାବ ବିସ୍ତାର କରିବାକୁ ଚାହୁଁଛନ୍ତି।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ମିନିଟ୍‌ରେ ଆମେ "Pension Options available for General public" – "ଆମ୍ ଆଦ୍‌ମୀ କେ ଲିଏ ଉପଲବ୍ଧ୍ ପେନସନ୍ ବିକଳ୍ପ" ଶୀର୍ଷକ ଆଲୋଚନାର ପ୍ରଚାର କରିବୁ । ପର୍ସନାଲ ଫାଇନାନ୍ସ ବିଶେଷଜ୍ଞ ବଲବନ୍ତ ଜୈନ ଓ ଶରତ କୋହଲି ଆଲୋଚନାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏଥିପାଇଁ ସେମାନଙ୍କୁ **011 - 23421050** ଓ **011 - 23314444** ନମ୍ବରକୁ ଡାଏଲ କରିବାକୁ ହେବ । ଏହାବ୍ୟତୀତ ସେମାନେ 92890-94044 ନମ୍ବରକୁ ହ୍ୱାଟ୍ସଆପ୍ ମେସେଜ୍ କରି ପ୍ରଶ୍ନ

ପଚାରିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇପାରିବ। ଏହା ବ୍ୟତୀତ ନ୍ୟୁଜ୍ ଅନ୍ ଏୟାର ଡଟ୍ ଜି.ଓ.ଭି. ଡଟ୍ ଇନ୍ ଓ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲରେ ଏହା ଉପଲବ୍ଧ ହେବ ।

## ଆଇଏମ୍‌ଡି-ହିଟ୍‌ୱେଭ

ଭାରତୀୟ ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ଓ ତାହା ପରେ ଦକ୍ଷିଣ ଭାରତରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ପୂର୍ବାନୁମାନ କରିଛି। ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ୟାନମ୍, ରାୟଲସୀମା, ତେଲଙ୍ଗାନା ଓ କର୍ଣ୍ଣାଟକର ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ପାଣିପାଗ କହିଛି, ତାମିଲନାଡୁ, ପୁଡୁଚେରୀ, କରାଇକଲ, କେରଳ ଓ ଗୁଜରାତର ତଟବର୍ତ୍ତୀ ଇଲାକାରେ ଗରମ ଓ ଆର୍ଦ୍ରତା ରହିବ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ହିମାଳୟ ପାଦଦେଶ ଅଞ୍ଚଳ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ପରବର୍ତ୍ତୀ ୭ ଦିନ ସମୟରେ ଅଳ୍ପରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି। ତାହାଛଡ଼ା ପୂର୍ବ ମଧ୍ୟପ୍ରଦେଶ, ଛତିଶଗଡ଼, ବିଦର୍ଭ, ପଶ୍ଚିମ ମଧ୍ୟପ୍ରଦେଶ, ମରାଠୱାଡ଼ା ଓ ମଧ୍ୟ ମହାରାଷ୍ଟ୍ରରେ ଅଳ୍ପରୁ ମଧ୍ୟମ ବର୍ଷା ହେବାର ଅନୁମାନ କରାଯାଉଛି।

# ମୋଜାମ୍ବିକ୍-ଫେରି

ମୋଜାମ୍ବିକ୍‌ର ଉତ୍ତର ଉପକୂଳରେ  ଆଜି ଏକ ଡଙ୍ଗା ବୁଡ଼ିଯିବାରୁ ଅତିକମ୍‌ରେ ୯୪ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୬ ଜଣ ନିଖୋଜ ଅଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ, ଉଦ୍ଧାରକାରୀମାନେ ୫ ଜଣ ଲୋକଙ୍କୁ ନିରାପଦରେ ଉଦ୍ଧାର କରିଛନ୍ତି। ବାକି ଲୋକଙ୍କୁ ଖୋଜାଖୋଜି କରାଯାଉଛି। କିନ୍ତୁ ସମୁଦ୍ରର ଅବସ୍ଥା ଦୃଷ୍ଟିରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେହି ଡଙ୍ଗା ବୁଡ଼ିଯିବା ଘଟଣାର କାରଣ ବିଷୟରେ ଜାଣିବାକୁ ତଦନ୍ତ କରାଯାଉଛି। ଡଙ୍ଗାଟିରେ ୧୩୦ ଜଣ ଲୋକ ଯାତ୍ରା କରୁଥିଲେ। ନମ୍ପୁଲାରେ ହଇଜା ହୋଇଥିବାରୁ ଏଥିରୁ ରକ୍ଷା ପାଇବା ପାଇଁ ସେମାନେ ଅନ୍ୟତ୍ର ପଳାୟନ କରୁଥିଲେ।